# ଦାସିଆ

ସାଆନ୍ତେ ! ଦାନ୍ତରେ ତିରଣ ଧରି କହୁଛି ସାଆନ୍ତେ ! ମୁଁ ମୋର ସେଇ ତୋରାଣି କଂସା ଭିତରେ ହାତ ପାଦ ନଥିବା ଅକ୍ଷୟ ଅନାଦି ମୂରତିକୁ ଦେଖିଛି । ମୁଁ ଜାତିରେ ବାଉରୀ ସାଆନ୍ତେ ! କେବେ ସେଇ କାଳିଆକୁ ଛୁଇଁଲେ, ତାକୁ ଦେଖିଲେ ମୁଁ ଭାବେ, ତାର ଅବମାନନା ହୋଇନାହିଁ । ହେଲେ ସାଆନ୍ତେ, ମନ ଭିତରୁ କିଏ ଜଣେ ଯେପରି ମୋତେ କିଛି କହୁଛି, ହାତ ବଢେଇ ଡାକୁଛି । ସେ ସେଇ ଜଗନ୍ନାଥେ ସାଆନ୍ତେ । ସିଏ ସେଇ ଜଗନ୍ନାଥେ ।

ହଇରେ ଦାସିଆ । ଜାତିରେ ବାଉରୀ । ହୀନ ଜାତି ପୁଣି ଅଇଁଠା କଂସା ଭିତରେ ଜଗନ୍ନାଥ ଦେଖା ଦେଲେ । ହଇରେ ଯୁଗ ଯୁଗ ଧରି ଆମେ କାନ୍ଧରେ ପଇତା ଧରି, ଶୁଦ୍ଧ ପୂତ ଭାବରେ ପୂଜା ଅର୍ଚ୍ଚନା କରି, ଦିନରେ ଶତବାର ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ କରି ତାର ଛାଇ ବି ଦେଖିବାରେ ସମର୍ଥ ହୋଇପାରିଲୁ ନାହିଁ । ହେଲେ ତୁ ହୀନ ଜାତିଟା ଅଇଁଠା କଂସା ଭିତରେ ପରଂବ୍ରହ୍ମ ଜଗନ୍ନାଥଙ୍କୁ ଦେଖିଲୁ ! ଆରେ କଳିଯୁଗର ଶେଷ ସୋପାନ ପହଞ୍ଚିଗଲା ରେ ଦାସିଆ । ଏହା ଘୋର କଳିକାଳର ଶେଷ ପାହାଚ ।

ସାଇ ପଡ଼ିଶାଏ ଦାସିଆର ମାଇପକୁ କହିଲେ, ହଇଲୋ ପାଟ ! ତୋର ଗେରସ୍ତଟା କ'ଣ ବାଇଆ ହୋଇଗଲାଣି କିଲୋ । ସେ କ'ଣ ସବୁରି ଘଟରେ ନାରାୟଣ ଜଗନ୍ନାଥଙ୍କୁ ଦେଖୁଛି । କହୁଛି କାଞ୍ଚତୋରାଣୀ କଂସାରେ ଦେଖୁଛି ପରଂବ୍ରହ୍ମ ଜଗନ୍ନାଥଙ୍କୁ । ହଇଲୋ ! ବାଉରୀଘରେ ନନ୍ଦନନ୍ଦନ ଗୋପୀଜନବଲ୍ଲଭଙ୍କର କ'ଣ ପାଇଁ ଆଗମନ । ପାଟ ନା ବୁଝିପାରେ ସାଇ ମାଇପୀଙ୍କର ଟାହିଟାପରା ନା ଭରସି କିଛି କହିପାରେ । ଖାଲି କହେ ଦାସିଆଟା ବାଇଆ ହୋଇଗଲାଣି ସାଆନ୍ତାଣୀ ! ପାଇଟିକୁ ନଯାଇ ଖାଲି କାଳିଆକୁ ଦେଖି ଦେଖି, କାନ୍ଦି କାନ୍ଦି ସଞ୍ଜରେ ଶେଜ ଧରୁଛି ପରା ।

ହଇଲୋ ଗୀତ ଗୋବିନ୍ଦର ପ୍ରତ୍ୟେକ ଶ୍ଳୋକ କଣ୍ଠସ୍ଥ କରି, ସୁଲଳିତ ସାବଲୀଳ ସ୍ୱରରେ କାଳିଆର ପାଖରେ ଗାଇବି ଆମେ ତାର ପାଖ ମାଡ଼ି ପାରିଲୁ ନାହିଁ । ଆଉ ଦାସିଆ ବାଉରୀ କହୁଛି ଅଇଁଠା କଂସାରେ ପତିତପାବନ ଜଗନ୍ନାଥଙ୍କୁ ଦେଖି ସାରିଲାଣି ।

ଆରେ ତୁମକୁ ବିହି ବାମ ହେଲାଣି । ତା ନହେଲେ ଏପରି ଉଦ୍ଭଟ ପରିକଳ୍ପନା ତୁମ ପରି ହୀନ ଜାତିର ମୁହଁରେ ଉଚ୍ଚାରଣ ହୁଅନ୍ତା ନାହିଁ ।

ଭାରତ ସମରରେ ପରା ଭରତିଆ ପକ୍ଷୀକୁ ଘଣ୍ଟଘୋଡ଼ାଇ ରଖି ଦେଇଥିଲ । ମହାପ୍ରୁ ! କୁଆଡ଼େ ତୁମେ ହାତ ବଢାଇ ଦେଲ ଯେ ସୁଦାମାର ଘର ଧନ, ଧାନ୍ୟ, ପାଟ, ଲକ୍ଷ୍ମୀରେ ପରିପୂର୍ଣ୍ଣ ହୋଇଯାଇଥିଲା । ଆଉ ପୁଣି ସେଇ ହାତ ଲାଗିଲେ ରୋଗ, ଦୁଃଖ, ଶୋକ, ପୀଡ଼ା ସବୁ ମନ୍ତ୍ର ପରିକା ଉଭେଇ ଯାଏ । ମୁଁ ତ ଜାତିରେ ହୀନ ବାଉରୀ ଆଜ୍ଞା । ହଉ ବାଉରୀ ହେଲେବି ମୋର ମନ ଭିତରେ ଗୋଟାଏ ଐକାନ୍ତିକ ଇଚ୍ଛା ପ୍ରକଟ ହେଉଛି ଯେ ମହାପ୍ରଭୁଙ୍କ ପାଇଁ ଗୋଟାଏ ନଡ଼ିଆ ପଠାଇବା ପାଇଁ । ହେ ନିଳାଦ୍ରୀ ବିହାରୀ ! ଦାସିଆ ବାଉରୀ ଯଦି ଜାତିରେ ହୀନ, ଚାଣ୍ଡାଳ ତାର ମନରେ ଏପରି ଅସମ୍ଭବ ଚିନ୍ତା କାହିଁକି ଦେଲ ମଣିମା ?

ବଡ଼ ସାଆନ୍ତେ ସେଦିନ ପୁରାଣ ପଢୁଥିଲେ ଯେ ଅଜାମିଳ କୁଆଡ଼େ ତାର ପୁଅର ନାଆଁକୁ ଧରିଧରି ଅନେକବାର ବିଷ୍ଣୁନାମ ଉଚ୍ଚାରଣ କରିବାରେ କାଳିଆ ସାଆନ୍ତେ ତାଙ୍କ ପାଖକୁ ଡାକି ନେଇଗଲେ । ପୁରୀ ତ ସାତକୋଶ ମଣିମା ! ମୁଁ ପୁଣି ଚଳତ୍‌ଶକ୍ତି ବିହୀନ ଗୋଟାଏ ଚାଣ୍ଡାଳ । ସାଆନ୍ତ ମାନଙ୍କର ଦୁଆରୁ ମାଗି ଯାଚି ଚଳିଯାଏ ଖୁଦ ଓ ତୋରାଣି ମୁନ୍ଦାକରେ । ହେଲେ ଅନେକ ଦିନରୁ ବଡ଼ ସାଆନ୍ତଙ୍କ ପାଇଁ ସାଇତି ରଖିଥିବା ନଡ଼ିଆଟି ଗୁଣ୍ଡିଚା ବାଡ଼ିରେ ରଥରେ ବାମନ ବସିଥିବାବେଳେ ଆପଣ ସାଆନ୍ତେ ସେଇ ମହାପ୍ରଭୁ ଜଗନ୍ନାଥଙ୍କୁ ଏ ନଡ଼ିଆଟି ଟେକିଦେଇ କହିବ ବାଲିଗାଁର ଦାସିଆ ବାଉରୀ ଆପଣଙ୍କ ପାଇଁ ପଠାଇଛି ସାଆନ୍ତେ । ସେ ହାତ ବଢାଇ ଦେଲେ ଦେଇଦେବ । ନ ନେଲେ ମୋତେ ଆଣି ଫେରାଇ ଦେବ ସାଆନ୍ତେ ।

ପାଟଲୋ ! ଏ ମନ ଭାବୁଛି ନିଜେ ଯାଇ ଗୁଣ୍ଡିଚା ଯାତରେ କାଳିଆକୁ ଟିକିଏ ଦେଖି ଆସନ୍ତି । ବାଟଚାଲି ନପାରିଲେ ପଛେ ପଡ଼ି ମରିଯିବି । ଯିମିତି ହେଲେ ପୁରୁଷ୍ଟମ ଯିବି । ପାଟ ମଫସଲି ମାଇପୀ, ବାଉରିଆଣୀ, ଅଛୁଆଁ କାଳୀ କୋତରୀ ସତ, ହେଲେ ଏ ସଂସାର ଯେଉଁ ଟାଣ ରଜ୍ଜୁରେ ତାକୁ ଦାସିଆ ସାଙ୍ଗରେ ବାନ୍ଧି ଦେଇଛି, ସେଥିରୁ ତାର ନିଷ୍କୃତି ନାହିଁ । ତଥାପି ତାର ଛୋଟ ବୁଦ୍ଧିରେ କହେ, ଦାସିଆ ! ବଡ଼ ସାଆନ୍ତଙ୍କ ହାତରେ ତୋର ସ୍ନେହର ସନ୍ତକ ସେଇ ନଡ଼ିଆଟିକୁ ଚକାଡୋଳା ପାଖକୁ ପଠାଇ ଦେବାର ବ୍ୟବସ୍ଥା କରିଦେବି । ପଛେ ସାଆନ୍ତଙ୍କ ଗୋଡ଼ତଳେ ପଚାଶବାର ମୁଣ୍ଡିଆ ମାରିବି । ନେହୁରା ହୋଇ କହିବି ତୋର ନଡ଼ିଆଟି ଦେବାଲାଗି । ହେଲେ ତୋ ପରି ଗୋଟାଏ ବାଉରୀ

ହାତରୁ ସାରା ସଂସାରର ନାଥ ଯିଏ, ସେ ଭୋଗ ଖାଇବକିରେ ! ତୋର ସିନା ଦେବାରେ ଇଚ୍ଛା, ହେଲେ ଗ୍ରହୀତାର ଇଚ୍ଛାଥିଲେ ତ ଅର୍ପଣ ଫଳବତୀ ହେବ ।

ଚନ୍ଦ୍ର ଆଉ ସୂର୍ଯ୍ୟ ଯାହାର ଦୁଇଟି ଚକ୍ଷୁ ସର୍ବବ୍ୟାପ୍ତ, ସଚରାଚର ଭୂଖଣ୍ଡରେ ଯାହାର ସାମାନ୍ୟ ଆଦେଶ ବିନା ଗୋଟାଏ ପତ୍ର ବି ହଲିନପାରେ, ସାରା ବିଶ୍ୱ ଯାହାର ଚରାଭୂଇଁ ସେଇ ନିଳାଦ୍ରୀବିହାରୀ ଜଗନ୍ନାଥ ଦାସିଆ ବାଉରୀର ମନର କଥା ଜାଣି ମନେ ମନେ ହସୁଥାନ୍ତି । ଆଉ କହୁଥାନ୍ତି ଆରେ ଦାସିଆ ! ଜାତିରେ ତୁ ଯାହା ହେଲେ ବି ମୋତେ ଯାଏ ଆସେ କେତେ ? ଆରେ ଭକତ ଭାବରେ ପରା ମୁଁ ବନ୍ଧା, ଭକତ ପରା ମୋର ଜୀବନର ନିର୍ଯ୍ୟାସ, ଆଉ ଛୁଆଁଅଛୁଆଁ ପରା ମୁଁ ଦ୍ୱାପର ଯୁଗରୁ ଜାରା ଶବର ପାଖରେ ଛାଡ଼ି ଆସିଛି । ତ୍ରେତୟାରେ ଶବରୀ ହାତରୁ ତା' ଚଖା ଫଳ ଖାଇ ଯେଉଁ ପରମ ତୃପ୍ତି ମୁଁ ପାଇଥିଲି ଦାସିଆ ! ସେ ତୃପ୍ତି ମୋତେ ଛପନ ପଉଟି ଭୋଗରୁ ମିଳେନା । ତୋର ମନ ମଧ୍ୟରୁ ଯେଉଁ ମହନୀୟ ଭାବର ଉଦ୍ରେକ ହୋଇଛି ସେହି ନୈସର୍ଗିକ ପରଂବ୍ରହ୍ମଙ୍କୁ ତୋର ଫଳ ପୁଷ୍ପ ଯାହା ସମର୍ପଣ ହେବ, ମୁଁ ତାହା ପରମ ତୃପ୍ତିରେ ଗ୍ରହଣ କରିବି ।

ବ୍ରାହ୍ମଣ ସାଆନ୍ତେ ମହାଶୟ ଯେତେବେଳେ ଗରୁଡ଼ ପଛରେ ଠିଆହୋଇ କହିଲେ, "ମଣିମା ! ମୋର ଦୋଷ ଧରିବେନି ମଣିମା ! ସେଇ ଦାସିଆ ବାଉରୀ । ବାଲିଗାଁର ଦାସିଆ ବାଉରୀ ଆପଣଙ୍କଲାଗି ଏଇ ନଡ଼ିଆଟି ପଠାଇଛି ପ୍ରଭୁ ! ଛାମୁଁ ଅବଧାନ ହୋଇ ଏହାକୁ ଗ୍ରହଣ କରିବା ହୁଅନ୍ତୁ ନହେଲେ ମୁଁ ନେଇ ଦାସିଆକୁ ଫେରାଇ ଦେବି ବୋଲି ଅନେକ ନେହୁରା ହୋଇ ତାର ମାଇପୀ ମୋତେ କହିଛି । ମୋର ଦୋଷାଦୋଷ ଘେନିବ ନାହିଁ ମଣିମା ।

ଆରେ ଏତ ଆଶ୍ଚର୍ଯ୍ୟର କଥା । ମୋ ହାତରୁ ନଡ଼ିଆଟି ଯେ ଅନ୍ତର୍ଦ୍ଧାନ ହୋଇଗଲା । ଏକଥା ଚଳନ୍ତି ବିଷ୍ଣୁ ଗଜପତି ମହାଶୟଙ୍କ ପାଖରେ ପହଞ୍ଚିଗଲା ଏବଂ ତା ପରଦିନ ସକାଳେ ପୂଜକ ବଟୁ ମହାପାତ୍ର ମହାଶୟ ଶ୍ରୀରଙ୍ଗା ଅଧରରେ ନଡ଼ିଆର ଖଣ୍ଡ ଲାଗିଥିବାର ଦେଖି କହିଲେ ହଇରେ ଏକି କଥା । ଶ୍ରୀରଙ୍ଗା ଅଧରରେ କୌଣସି ଖାଦ୍ୟ ପଦାର୍ଥ ଲାଗିବା ଆଜିଯାଏ ଦେଖାଯାଇନଥିଲା । ନଡ଼ିଆ ଆସିଲା କିପରି ? ଏ ଆଖି ଉଠିଲାଠାରୁ ଜୀଉଙ୍କ ସେବାରେ ଚାଳିଶି ବର୍ଷର ନିଯୋଗ ଖଟି ଥିବା ବେଳେ ଏହା ଦେଖା ଯାଇନଥିଲା ।

ଗଜପତି ଆଜ୍ଞାପାଇଲେ ଯେ ଦାସିଆ ବାଉରୀ ରସରାଜଙ୍କର ଜଣେ ପରମ ଭକ୍ତ ଏବଂ ତାର ଯଥାବିଧି ରାଜକୀୟ ଉପଚାର ହେବା ବିଧେୟ । ରାଜା ଦାସିଆ ବାଉରୀଙ୍କୁ ଡ଼କାଇ ଆଣି ସମ୍ବର୍ଦ୍ଧନା ସହ ଶିରୋପା ବନ୍ଧା କରାଇଲେ ଏବଂ ତାଙ୍କର ହାତ ଧରି କହିଲେ ଦାସିଆ ! ଯେଉଁ ଅନନ୍ତ ଅଚରାଚର ଅବିନାସୀ କାହାକୁ ଦେଖା ଦେଇ ନାହାନ୍ତି, ଆଜି ତୁମେ ତୁମର ଅପାର ଭକ୍ତି ଯୋଗେ ତାଙ୍କର ସାନ୍ନିଧ୍ୟ ପାଇ ଧନ୍ୟ ହୋଇଗଲ ଦାସିଆ ! ତୁମେ ହିଁ ପରଂବ୍ରହ୍ମଙ୍କର ପରମଭକ୍ତ । ମୋର ଯଥାମାନ୍ୟ ଘେନ ଦାସିଆ ! ତୁମେ ଯେ ଏ ଅନନ୍ତ ସୃଷ୍ଟିର ଏକ ମହାନ୍ ବ୍ୟତିକ୍ରମ ।

***